## ତହସିଲ କାର୍ଯ୍ୟାଳୟ,ଧର୍ମଶାଳା, ଜି:- ଯାଜପୁର, ପିନ:- ୭୫୫୦୦୮, ଓଡିଶା

ବିଜ୍ଞପ୍ତି ସଂଖ୍ୟା :- ୩୫୧୦ /ତାରିଖ:- ୧୭.୦୯.୨୦୨୧

# ସର୍ବସାଧାରଣ ନୋଟିସ

## (OMMC Rule-2016 ଅନୁଯାୟୀ )

## ଲଘୁ ଖଣିଜ ଦ୍ରବ୍ୟ ଉସ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଜୟ ପରିଚାଳନା ବିଭାଗ ଅଧିନସ୍ଥ ଧର୍ମଶାଳା ତହସିଲ ଅନ୍ତର୍ଗତ ନିମ୍ନ ସୂଚୀ ପ୍ରଦତ୍ତ(ଲଘୁ ଖଣିଜ) କଳାପଥର ସୈରାତ ଉସ ଗୁଡିକୁ ଅନୁନ୍ୟ ୦୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ OMMC Rule- 2016, ପରିଚ୍ଛେଦ-୦୪ ର ଧାରା ୨୭ ଅନୁଯାୟୀ ନିର୍ଦ୍ଧାରିତ ଫର୍ମରେ ସମସ୍ତ ତଥ୍ୟାବଳୀ ପୁରଣ କରି ଜଉମୁଦ ଲଫାପାରେ Registered Post/ Speed Post/Currier Service ମାଧ୍ୟମରେ ତହସିଲଦାର ଧର୍ମଶାଳାଙ୍କ ଠିକଣାରେ ଆବେଦନ କରିପାରିବେ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା- ୨୧/୧୦/୨୦୨୧ ରିଖ ଅପରାହ୍ନ ୦୫.୩୦ ଘଟିକା । ଧାର୍ଯ୍ୟ ତାରିଖ,ସମୟ ପରେ ପ୍ରାପ୍ତ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ କୌଣସି ତ୍ରୁଟି ସଂଶୋଧନ କରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଅଛି । ଆସନ୍ତା ତା- ୨୨/୧୦ /୨୦୨୧ ରିଖ ସମୟ ୧୦.୩୦ ମିନିଟରେ ନିଲାମ କାର୍ଯ୍ୟ ଆରମ୍ଭ କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ। ଅସଂପୂର୍ଣ୍ଣ ଏବଂ ତ୍ରୁଟିଯୁକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ OMMC Rule –2016 ରେ ଉପଲବ୍ଧ ହୋଇପାରିବ। ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଓ ଯାଜପୁର ଜିଲ୍ଲା ୱେବ ସାଇଟ www.jajpur.nic.in ର tender link ମାଧ୍ୟମରେ ଉପଲବ୍ଧ ହୋଇପାରିବ।

**ବି : ଦ୍ର :- ବିଜ୍ଞାପିତ ସୈରାତ ଉସଗୁଡିକର ଲିଜ ନିମନ୍ତେ ଇଚ୍ଛୁକ ଥିବା ଆବେଦନକାରୀ ମାନେ ଅଂଶଗ୍ରହଣ ପୂର୍ବରୁ ସୈରାତ ଗୁଡିକର ଗମନାଗମନ ନିମନ୍ତେ ସର୍ଜମିନ ଦେଖିବୁଝି ଆବେଦନ କରିବାକୁ ଅନୁରୋଧ ।**